କାରଣ ବିନାଶ ପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର, କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ (୧କରନ୍ଥି ୧: ୧୮)।

ଆଜି ଜଦି ଆପଣ ମୃତ୍ୟୁ ବରଣ କରନ୍ତି

# ଆପଣ କେଉଁଠାରେ ଅନନ୍ତ କାଳ ଅତିବାହିତ କରିବେ- ସ୍ୱର୍ଗରେ ନା ନରକରେ ?

(କିଛି ସମୟ ଦେଇ ଏହି ସମ୍ବାଦ ପାଠ କରନ୍ତୁ. ଆପଣ ଈଶ୍ୱରଙ୍କ ସହିତ ଯେପରି ସ୍ୱର୍ଗରେ ରହିବେ ସେଥିପାଇଁ ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି)।

ଅନେକ ଲୋକ ଭାବନ୍ତି ଯେ, ସ୍ୱର୍ଗ କିମ୍ବା ନରକ ନାହିଁ। କିନ୍ତୁ ଈଶ୍ୱରଙ୍କ ଏକମାତ୍ର ବାକ୍ୟ- ପବିତ୍ର ବାଇବଲ ସ୍ୱଷ୍ଟ ଭାବରେ କହେ, ଏହି ଦୁଇଟି ସ୍ଥାନ ବାସ୍ତବରେ ଅଛି : ସେତେବେଳେ ରାଜା ଆପଣା ଦକ୍ଷିଣ ପାର୍ଶ୍ୱସ୍ଥ ଲୋକଙ୍କୁ କହିବେ, ଆସ, ମୋହର ପିତାଙ୍କ ଆଶିର୍ବାଦପାତ୍ରମାନେ, ତୁମ୍ଭମାନଙ୍କ ନିମନ୍ତେ ଜଗତର ସୃଷ୍ଟିକାଳାବଧି ଯେଉଁ ରାଜ୍ୟ ପ୍ରସ୍ତୁତ କରାଯାଇଅଛି ସେଥିର ଅଧିକାରୀ ହୁଅ। ତତ୍ପରେ ସେ ବାମ ପାର୍ଶ୍ୱସ୍ଥ ଲୋକଙ୍କୁ ମଧ୍ୟ କହିବେ, ରେ ଶାପଗ୍ରସ୍ତମାନେ, ମୋ ସମ୍ମୁଖରୁ ଦୂର ହୋଇ ଶୟତାନ ଓ ତାହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବା ଅନନ୍ତ ଅଗ୍ନି ମଧ୍ୟକୁ ପ୍ରସ୍ଥାନ କର। ଆଉ, ଏମାନେ ଅନନ୍ତ ଶାସ୍ତି, କିନ୍ତୁ ଧାର୍ମିକମାନେ ଅନନ୍ତ ଜୀବନ ଭୋଗ କରିବାକୁ ଯିବେ (ମାଥିଉ ୨୫: ୩୪, ୪୧, ୪୬)

ନରକ ହେଉଛି ଯନ୍ତ୍ରଣା ଭୋଗର ସ୍ଥାନ। ଯୀଶୁ ନରକ ସମ୍ବନ୍ଧରେ କହନ୍ତି –"ନରକରେ ସେମାନଙ୍କର କୀଟ କ୍ଷୟ ପାଏ ନାହିଁ, ଆଉ ଅଗ୍ନି ନିର୍ବାପିତ ହୁଏ ନାହିଁ " ( ମାର୍କ ୯:୪୮, ଯିଶାଇୟ ୬୬ :୨୪), "ଅନନ୍ତ ଅଗ୍ନି" (ମାଥିଉ ୧୮: ୮, ୨୫:୪୧) "ନରକ ଅଗ୍ନି" (ମାଥିଉ ୫ :୨୨, ୧୮: ୯) "ଅଗ୍ନିକୁଣ୍ଡ" (ମାଥିଉ ୧୩ :୪୨, ୫୦), "ରୋଦନ ଓ ଦନ୍ତର କିଡ଼ିମିଡ଼ି" (ମାଥିଉ ୮: ୧୨,୨୨: ୧୩, ୨୫: ୩୦), "ଅନନ୍ତ ଦଣ୍ଡ" (ମାଥିଉ ୨୫: ୪୬) ଏବଂ "ବାହ୍ୟ ଅନ୍ଧକାର" (ମାଥିଉ ୮: ୧୨,୨୨: ୧୩)। ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇଥିବାର ଦେଖା ନ ଗଲା, ତାହାକୁ ଅଗ୍ନିମୟ ହ୍ରଦରେ ପକାଗଲା ( ପ୍ରକାଶିତ ୨୦: ୧୫)। ମନୁଷ୍ୟମାନଙ୍କ ନିମନ୍ତେ ଯେପରି ଥରେ ମାତ୍ର ମୃତ୍ୟୁ, ଆଉ ତାହାପରେ ବିଚାର ନିରୂପିତ ଅଛି (ଏବ୍ରି ୯ :୨୭)। ଏହି ସ୍ଥାନ ଶୟତାନ ଓ ଏହାର ଦୂତମାନଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିବାରୁ, ଆମ୍ଭେମାନେ ସେଠାରେ ଯନ୍ତ୍ରଣା ଭୋଗ କରୁ, ତାହା ଈଶ୍ୱର ଇଚ୍ଛା କରନ୍ତି ନାହିଁ।

ତେବେ, ଏହି ଦଣ୍ଡ ଭୋଗ କରିବାର କାରଣ କଅଣ?

ଉତର ହେଉଛି ପାପ। ଈଶ୍ୱରଙ୍କଠାରୁ ଆପଣଙ୍କୁ ପୃଥକ କରୁଥିବା ଯେକୌଣସି ବିଷୟ (ବାକ୍ୟ, କର୍ମ, ଚିନ୍ତା) ପାପ ଅଟେ। ଆମ୍ଭେମାନେ ଜନ୍ମରୁ ପାପୀ ଏବଂ ପାପରେ ବାସ କରୁ। କାରଣ ଈଶ୍ୱର ପବିତ୍ର ଅଟନ୍ତି, ତେଣୁ ପାପ ଆମ୍ଭମାନଙ୍କୁ ତାହାଙ୍କଠାରୁ ପୃଥକ କରେ। ଅତଏବ ଯେପରି ଜଣେ ଲୋକ ଦ୍ୱାରା ପାପ ଓ ପାପ ଦ୍ୱାରା ମୃତ୍ୟୁ ଜଗତରେ ପ୍ରବେଶ କଲା, ଆଉ ସେହିପ୍ରକାରେ ମୃତ୍ୟୁ ସମସ୍ତ ଲୋକଙ୍କ ପ୍ରତି ଘଟିଲା, ଯେଣୁ ସମସ୍ତେ ତ ପାପ କଲେ (ରୋମି ୫: ୧୨)। ସମସ୍ତେ ତ ପାପ କରିଅଛନ୍ତି ପୁଣି ଈଶ୍ୱରଙ୍କର ଗୌରବ ରହିତ ହୋଇଅଛନ୍ତି (ରୋମି ୩ :୨୩), କାରଣ ପାପର ବେତନ ମୃତ୍ୟୁ (ରୋମି ୬ :୨୩ )।

ପାପ ସମ୍ବନ୍ଧରେ ଏକମାତ୍ର ଈଶ୍ୱରଙ୍କ ବାକ୍ୟ- ବାଇବଲର କେତେକ ଦୃଷ୍ଟାନ୍ତ : ଶାରୀରିକ ଅଭିଳାଷ, ଚକ୍ଷୁର ଅଭିଳାଷ ଓ ଲୌକିକ ଗର୍ବ (୧ଯୋହନ ୨: ୧୬), ସମସ୍ତ ଅଧର୍ମ ହିଁ ପାପ (୧ଯୋହନ ୫ :୧୭), ଯୀଶୁ କହିଲେ, ମନୁଷ୍ୟର ହୃଦୟରୁ କୁଚିନ୍ତା ବାହାରେ – ବେଶ୍ୟାଗମନ, ଚୌର୍ଯ୍ୟ, ନରହତ୍ୟା, ବ୍ୟଭିଚାର, ଲୋଭ, ଦୁଷ୍ଟତା, ଶଠତା, କାମୁକତା, ଇର୍ଷାଦୃଷ୍ଟି, ନିନ୍ଦା, ଅହଂକାର, ମୂର୍ଖତା ଏହି ସମସ୍ତ ମନ୍ଦ ବିଷୟ ଭିତରୁ ବାହାରି ମନୁଷ୍ୟକୁ ଅଶୁଚୀ କରେ (ମାର୍କ ୭ :୨୧,୨୨ ),। ଯେଉଁମାନେ ଭୀରୁ, ଅବିଶ୍ୱାସୀ, ଘୃଣ୍ୟକଳଙ୍କିତ, ନରଘାତକ, ବ୍ୟଭିଚାରୀ, ମାୟାବୀ ଓ ପ୍ରତିମାପୂଜକ ସେମାନେ ଓ ସମସ୍ତ ମିଥ୍ୟାବାଦୀ ଅଗ୍ନି ଓ ଗନ୍ଧକ ପ୍ରଜ୍ୱଳିତ ହ୍ରଦରେ ଅଂଶ ପାଇବେ,ଏହାହିଁ ଦ୍ୱିତୀୟ ମୃତ୍ୟୁ (ପ୍ରକାଶିତ ୨୧: ୮)। କୌଣସି ଅଶୁଚୀ ବିଷୟ କିଅବା ଘୃଣ୍ୟ କର୍ମକାରୀ ଓ ମିଥ୍ୟାଚାରୀ କେହି ସେଥିରେ(ସ୍ୱର୍ଗରେ) କଦାପି ପ୍ରବେଶ କରିବ ନାହିଁ , କେବଳ ଯେଉଁମାନଙ୍କର ନାମ ମେଷଶାବକଙ୍କ ଜୀବନପୁସ୍ତକରେ ଲିଖିତ ଅଛି, ସେମାନେ ପ୍ରବେଶ କରିବେ (ପ୍ରକାଶିତ ୨୧: ୨୭)। କାରଣ ତୁମ୍ଭେମାନେ ନିଷ୍ଚୟରୂପେ ଜାଣ ଯେ, କୌଣସି ବ୍ୟଭିଚାରୀ ବା ଅଶୁଧାଚାରୀ ବ୍ୟକ୍ତି ବା ଲୋଭୀ – ସେ ତ ଦେବ ପୂଜକ – ସେମାନଙ୍କର ଖ୍ରୀଷ୍ଟ ଓ ଈଶ୍ୱରଙ୍କ ରାଜ୍ୟରେ ଅଧିକାର ନାହିଁ (ଏଫିସୀ ୫: ୫),ଶରୀରର କାର୍ଯ୍ୟଗୁଡ଼ିକ ତ ସ୍ୱଷ୍ଟ : ବ୍ୟଭିଚାର, ଅଶୁଚୀତା, କାମୁକତା, ପ୍ରତିମାପୂଜା, କୁହୁକ, ଶତ୍ରୁତା, ବିବାଦ, ଦ୍ୱେଷ, କ୍ରୋଧ, ସ୍ୱାର୍ଥପରତା, ଦଳଭେଦ, ମତଭେଦ, ଈର୍ଷା, ମ ତା, ରଙ୍ଗରସ ଇତ୍ୟାଦି କର୍ମଗୁଡ଼ିକ, ମୁଁ ପୂର୍ବରେ ଯେପରି ତୁମ୍ଭମାନଙ୍କୁ କହିଥିଲି, ସେହିପରି ଆଗରୁ କହୁଅଛି ଯେ,ଯେଉଁମାନେ ଏହି ସବୁ ପ୍ରକାର କର୍ମ କରନ୍ତି, ସେମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ (ଗାଲାତି ୫: ୧୯-୨୦)। ଅଧାର୍ମିକମାନେ ଯେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ ଏହାକି ତୁମ୍ଭେମାନେ ଜାଣ ନାହିଁ? ଭ୍ରାନ୍ତ ହୁଅ ନାହିଁ, ବ୍ୟଭିଚାରୀ କି ପ୍ରତିମାପୂଜକ କି ପାରଦାରିକ କି ସ୍ତ୍ରୀବତ୍ ଆଚାରୀ କି ପୁଂମୈଥୁନକାରୀ କି ଚୋର କି ଧନଲୋଭୀ କି ମତୁଆଳ କି ନିନ୍ଦକ କି ପରଦ୍ରବ୍ୟ ଲୁଣ୍ଠନକାରୀ ଏମାନେ ଈଶ୍ୱରଙ୍କ ରାଜ୍ୟର ଅଧିକାରୀ ହେବେ ନାହିଁ (୧କରନ୍ଥି ୬ :୯-୧୦)।ଏହି କାରଣରୁ ଈଶ୍ୱର ସେମାନଙ୍କୁ ଜଘନ୍ୟ ପାପ ପ୍ରବୃତିରେ ସମର୍ପଣ କଲେ, କାରଣ ସେମାନଙ୍କ ସ୍ତ୍ରୀମାନେ ସ୍ୱାଭାବିକ ବ୍ୟବହାର ପରିବର୍ତ୍ତେ ଅସ୍ୱାଭାବିକ ବ୍ୟବହାର କଲେ, ପୁଣି ସେହିପରି ପୁରୁଷମାନେ ମଧ୍ୟ ସ୍ୱାଭାବିକ ସ୍ତ୍ରୀସଙ୍ଗ ପରିତ୍ୟାଗ କରି ପରସ୍ପର ଆପଣା ଆପଣା କାମାନଳରେ ଦଗ୍ଧ ହେଲେ, ପୁରୁଷ ସହିତ ପୁରୁଷ କୁତ୍ସିତ କର୍ମ କଲେ, ପୁଣି ଆପଣା ଆପଣାଠାରେ ସ୍ୱ ସ୍ୱ ଭ୍ରଷ୍ଟତାର ସମୁଚିତ ପ୍ରତିଫଳ ପାଇଲେ (ରୋମି ୧ :୨୬-୨୭)।

ପ୍ରତିମା ପୂଜା- ଆମ୍ଭ ସାକ୍ଷାତରେ ତୁମ୍ଭର ଆଉ କୌଣସି ଦେବତା ହେବ ନାହିଁ। ତୁମ୍ଭେ ଆପଣା ନିମନ୍ତେ କୌଣସି ଖୋଦିତ ପ୍ରତିମା ନିର୍ମାଣ କରିବ ନାହିଁ; କି ଉପରିସ୍ଥ ସ୍ୱର୍ଗରେ, କି ନୀଚସ୍ଥ ପୃଥିବୀରେ, କି ପୃଥିବୀର ନୀଚସ୍ଥ ଜଳରେ ଥିବା କୌଣସି ବସ୍ତୁର ପ୍ରତିମୂର୍ତ୍ତି ନିର୍ମାଣ କରିବ ନାହିଁ। ତୁମ୍ଭେ ସେମାନଙ୍କୁ ପ୍ରମାଣ କରିବ ନାହିଁ, କି ସେମାନଙ୍କର ସେବା କରିବ ନାହିଁ; ଯେହେତୁ ଆମ୍ଭେ ତୁମ୍ଭର ସଦାପ୍ରଭୁ ପରମେଶ୍ୱର ସ୍ୱଗୌରବ-ରକ୍ଷଣରେ ଉଦ୍‌ଯୋଗୀ ପରମେଶ୍ୱର ଅଟୁ, ପୁଣି ଯେଉଁମାନେ ଆମ୍ଭଙ୍କୁ ଘୃଣା କରନ୍ତି, ଆମ୍ଭେ ସେମାନଙ୍କ ତୃତୀୟ ଓ ଚତୁର୍ଥ ପୁରୁଷ ପର୍ଯ୍ୟନ୍ତ ସନ୍ତାନମାନଙ୍କ ଉପରେ ପୈତୃକ ଅପରାଧର ପ୍ରତିଫଳଦାତା (ଯାତ୍ରା ୨୦: ୩-୫) ଈଶ୍ୱରଙ୍କର ଏହି ପ୍ରଥମ ଆଜ୍ଞା ଲଙ୍ଘନକାରୀ ଖ୍ରୀଷ୍ଟିୟାନମାନଙ୍କ ସହିତ, ସାଧୁମାନଙ୍କୁ ଉପାସନାକାରୀ, ମୃତମାନଙ୍କୁ ପ୍ରାର୍ଥନାକାରୀ, ମୃତମାନଙ୍କ ନିମନ୍ତେ ପ୍ରାର୍ଥନାକାରୀ। ଯୀଶୁଙ୍କ ଛଡ଼ା ମଧସ୍ଥି କେହି ନାହିଁ : କାରଣ ଏକମାତ୍ର ଈଶ୍ୱର ଅଛନ୍ତି, ଆଉ ଈଶ୍ୱର ଓ ମନୁଷ୍ୟମାନଙ୍କ ମଧ୍ୟରେ ଏକମାତ୍ର ମଧ୍ୟସ୍ଥ ଅଛନ୍ତି, ସେ ଖ୍ରୀଷ୍ଟ ଯୀଶୁ, ଜଣେ ମନୁଷ୍ୟ (୧ତୀମଥି ୨: ୫)।

ବ୍ୟଭିଚାର - ବିବାହ ପୂର୍ବରୁ ଯୌନ ସଂପର୍କ ରଖିବା, ବୈବାହିକ ଜୀବନ ବାହାରେ ଯୌନ ସଂପର୍କ ରଖିବା । ବାଇବଲର ସଂଜ୍ଞା ଅନୁସାରେ ବିବାହ ପୂର୍ବରୁ ଯୌନ ସଂପର୍କ ସ୍ଥାପନ କରିବା ଯୌନ ଅନୈତିକତା ଅଟେ । କେବଳ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଯୌନ ସଂପର୍କ ସ୍ଥାପନକୁ ଈଶ୍ୱର ଅନୁମୋଦନ କରନ୍ତି । କିନ୍ତୁ ମୁଁ (ଯୀଶୁ)ତୁମ୍ଭମାନଙ୍କୁ କହୁଅଛି, ଯେକେହି କୌଣସି ସ୍ତ୍ରୀ ପ୍ରତି କାମଭାବରେ ଦୃଷ୍ଟିପାତ କରେ, ସେ ତାହା ସଙ୍ଗରେ ମନେ ମନେ ବ୍ୟଭିଚାର କଲାଣି (ମାଥିଉ ୫ :୨୮)

ଛାଡ଼ ପତ୍ର (ତ୍ୟାଗପତ୍ର)-ମୁଁ (ଯୀଶୁ)ତୁମ୍ଭମାନଙ୍କୁ କହୁଅଛି, ଯେକେହି ଆପଣା ସ୍ତ୍ରୀକି ବ୍ୟଭିଚାର ଦୋଷ ବିନା ଅନ୍ୟ କାରଣରୁ ପରିତ୍ୟାଗ କରେ, ସେ ତାହାକୁ ବ୍ୟଭିଚାରୀଣୀ କରାଏ, ଆଉ ଯେକେହି ପରିତ୍ୟକ୍ତା ସ୍ତ୍ରୀକି ବିବାହ କରେ, ସେ ବ୍ୟବଚାର କରେ (ମାଥିଉ ୫ : ୩୨),ବିବାହ ସମସ୍ତଙ୍କ ମଧ୍ୟରେ ଆଦରଣୀୟ ହେଉ ଓ ତାହାର ଶଯ୍ୟା ଶୁଚି ଥାଉ, କାରଣ ଈଶ୍ୱର ପାରଦାରିକ ଓ ବ୍ୟଭିଚାରୀମାନଙ୍କ ବିଚାର କରିବେ (ଏବ୍ରି ୧୩ :.୪), ଅତଏବ, ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ (ମାର୍କ ୧୦: ୯) । ଏହି ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଦୟାକରି, ପ୍ରାର୍ଥନା ପୂର୍ବକ ପବିତ୍ର ବାଇବଲ ପାଠ କରନ୍ତୁ । ହେ ସ୍ତ୍ରୀମାନେ, ତୁମ୍ଭେମାନେ ଯେପରି ପ୍ରଭୁଙ୍କର ବଶୀଭୂତା, ସେହିପରି ଆପଣା ଆପଣା ସ୍ୱାମୀର ବଶୀଭୂତା ହୁଅ, ହେ ସ୍ୱାମୀମାନେ, ଖ୍ରୀଷ୍ଟ ଯେପରି ମଣ୍ଡଳୀକି ପ୍ରେମ କଲେ, ତୁମ୍ଭେମାନେ ମଧ୍ୟ ସେହିପରି ଆପଣା ଆପଣା ସ୍ତ୍ରୀମାନଙ୍କୁ ପ୍ରେମ କର, ସେ ତ ତାହା ନିମନ୍ତେ ଆପଣାକୁ ଉତ୍ସର୍ଗ କଲେ (ଏଫିସି ୫: ୨୨,୨୫) ।

ମଦ୍ୟପାନ, ଧୂମପାନ, ଆତ୍ମହତ୍ୟା, ନିଶା ଔଷଧ ସେବନ, ଚିତାକୁଟା : ତୁମ୍ଭେମାନେ କି ଜାଣ ନାହିଁ ଯେ, ତୁମ୍ଭେମାନେ ଈଶ୍ୱରଙ୍କ ମନ୍ଦିର, ଆଉ ଈଶ୍ୱରଙ୍କ ଆତ୍ମା ତୁମ୍ଭମାନଙ୍କ ଅନ୍ତରରେ ବାସ କରନ୍ତି; ଯଦି କୌଣସି ଲୋକ ଈଶ୍ୱରଙ୍କ ମନ୍ଦିରକୁ ନଷ୍ଟ କରେ, ତେବେ ଈଶ୍ୱର ତାକୁ ନଷ୍ଟ କରିବେ; କାରଣ ଈଶ୍ୱରଙ୍କ ମନ୍ଦିର ପବିତ୍ର, ସେହି ମନ୍ଦିର ତୁମ୍ଭେମାନେ (୧କରନ୍ଥି ୩ :୧୬-୧୭), ପୁଣି, ତୁମ୍ଭେମାନେ ମୃତ ଲୋକ ନିମନ୍ତେ ଆପଣା ଆପଣା ଶରୀରରେ ଅସ୍ତ୍ରାଘାତ କରିବ ନାହିଁ, ଅବା ଦେହରେ ଚିତା କୁଟାଇବ ନାହିଁ; ଆମ୍ଭେ ସଦାପ୍ରଭୁ ଅଟୁ (ଲେବି ୧୯ :୨୮) । ଆମ୍ଭେମାନେ ସେ ସମସ୍ତର ତାଲିକା କରିପାରିବା ନାହିଁ । ଏ ସମସ୍ତ କର୍ମ, ଆମ୍ଭମାନଙ୍କଠାରେ ଥିବା ପାପପୂର୍ଣ୍ଣ ସ୍ୱଭାବକୁ ପ୍ରକାଶ କରନ୍ତି । ବର୍ତ୍ତମାନ ଆପଣ ହୃଦବୋଧ ହେଲେ କି ଯେ, ଆପଣ ଜଣେ ପାପୀ ଅଟନ୍ତି, ଯଦି ହଁ, ତେବେ ଈଶ୍ୱରଙ୍କ ସହିତ ସମ୍ମିଳନ ହେବା ନିମନ୍ତେ ଆପଣଙ୍କ ପାଇଁ ସୁଯୋଗ ଅଛି ।

ଈଶ୍ୱର ଆପଣଙ୍କୁ ପ୍ରେମ କରନ୍ତି ଏବଂ ଆପଣ ବିନଷ୍ଟ ହୁଅନ୍ତି ଏହା ସେ ଚାହାନ୍ତି ନାହିଁ ।

କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ (ଯୀଶୁଙ୍କୁ)ଦାନ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ( ଯୋହନ ୩ :୧୬)। ଚୋର କେବଳ ଚୋରୀ, ବଧ ଓ ବିନାଶ କରିବା ନିମନ୍ତେ ଆସେ; ସେମାନେ ଯେପରି ଜୀବନ ପାଆନ୍ତି ଓ ପ୍ରଚୁର ଭାବରେ ପାଆନ୍ତି, ଏଥିନିମନ୍ତେ ମୁଁ ଆସିଅଛି (ଯୋହନ ୧୦ :୧୦),କାରଣ ପାପର ବେତନ ମୃତ୍ୟୁ, କିନ୍ତୁ ଈଶ୍ୱରଙ୍କ ଅନୁଗ୍ରହଦାନ ଆମ୍ଭମାନଙ୍କ ପ୍ରଭୁଯୀଶୁଙ୍କ ସହଭାଗୀତାରେ ଅନନ୍ତ ଜୀବନ ଅଟେ (ରୋମି ୬ :୨୩) । କିନ୍ତୁ ଆମ୍ଭେମାନେ ପାପୀ ଥିବା ସମୟରେ ସୁଦ୍ଧା ଖ୍ରୀଷ୍ଟ ଯେ ଆମ୍ଭମାନଙ୍କ ନିମନ୍ତେ ମୃତ୍ୟୁଭୋଗ କଲେ, ସେଥିରେ ଈଶ୍ୱର ଆମ୍ଭମାନଙ୍କ ପ୍ରତି ଆପଣା ପ୍ରେମ ସପ୍ରମାଣ କରୁଅଛନ୍ତି (ରୋମି ୫: ୮) ।

ଲୋକମାନେ ସର୍ବଦା ଆପଣାର ଉତ୍ତମ କର୍ମ ଦ୍ୱାରା ଈଶ୍ୱରଙ୍କ ନିକଟରେ ପହଂଚିବାକୁ ଚେଷ୍ଟା କରନ୍ତି ।

ଗୋଟିଏ ପଥ- କାଲବରୀ କ୍ରୁଶ ବ୍ୟତିତ ଅନ୍ୟ କୌଣସି ପଥରେ ଈଶ୍ୱରଙ୍କ ନିକଟକୁ ପହଂଚି ହେବ ନାହିଁ ।

ଯୀଶୁ କହିଲେ-ମୁଁ ପଥ, ସତ୍ୟ ଓ ଜୀବନ, ମୋଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ (ଯୋହନ ୧୪: ୬),

ଯୀଶୁ ହେଉଛନ୍ତି ଏକମାତ୍ର ପଥ ।

ପାପୀମାନଙ୍କୁ ପରିତ୍ରାଣ କରିବା ନିମନ୍ତେ ଖ୍ରୀଷ୍ଟ ଯୀଶୁ ଯେ ଜଗତରେ ଅବତୀର୍ଣ୍ଣ ହେଲେ, ଏହା ବିଶ୍ୱାସ୍ୟ ଓ ସର୍ବତୋ । ଭାବେ ଗ୍ରହଣ ଯୋଗ୍ୟ (୧ତିମଥି ୧: ୧୫), ତାହାଙ୍କଠାରେ (ଯୀଶୁଙ୍କଠାରେ)ଆମ୍ଭେମାନେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି ଅର୍ଥାତ୍ ପାପ କ୍ଷମା ପାଇଅଛୁ (କଲସୀ ୧: ୧୪) । ତାହାଙ୍କ ଅନୁଗ୍ରହରୂପନିଧି ଅନୁସାରେ ଆମ୍ଭେମାନେ ସେହି ପ୍ରିୟତମଙ୍କଠାରେ ତାହାଙ୍କ ରକ୍ତ ଦ୍ୱାରା ମୁକ୍ତି ଅର୍ଥାତ୍ ଅପରାଧ ସବୁର କ୍ଷମାପ୍ରାପ୍ତ ହୋଇଅଛୁ (ଏଫିସୀ ୧: ୭) । ତାହାଙ୍କ ଛଡ଼ା ଆଉ କାହାଠାରେ ପରିତ୍ରାଣ ନାହିଁ, କାରଣ ଯାହାଦ୍ୱାରା ଆମ୍ଭମାନଙ୍କୁ ପରିତ୍ରାଣ ପାଇବାକୁ ହେବ, ଆକାଶ ତଳେ ମନୁଷ୍ୟମାନଙ୍କ ମଧ୍ୟରେ ଆଉ କୌଣସି ନାମ ଦିଆଯାଇନାହିଁ (ପ୍ରେରିତ ୪: ୧୨)।

ଆପଣ ଈଶ୍ୱରଙ୍କ ସନ୍ତାନ ହେବେ କିପରି ? ଯୀଶୁଙ୍କୁ ନିଜର ଉଦ୍ଧାରକର୍ତ୍ତା ରୂପେ ଗ୍ରହଣ କରନ୍ତୁ । ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେମାନେ ସପରିବାରରେ ପରିତ୍ରାଣ ପାଇବ (ପ୍ରେରିତ ୧୬: ୩୧) । ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ଅର୍ଥାତ୍ ଯେଉଁମାନେ ତାହାଙ୍କ ନାମରେ ବିଶ୍ୱାସ କଲେ, ସେସମସ୍ତଙ୍କୁ ସେ ଈଶ୍ୱରଙ୍କ ସନ୍ତାନ ହେବା ନିମନ୍ତେ ଅଧିକାର ଦେଲେ (ଯୋହନ ୧: ୧୨) । ତୁମ୍ଭେ ଯଦି ମୁଖରେ ଯୀଶୁଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବ, ଆଉ ଈଶ୍ୱର ତାହାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଅଛନ୍ତି ବୋଲି ହୃଦୟରେ ବିଶ୍ୱାସ କରିବ, ତେବେ ପରିତ୍ରାଣ ପ୍ରାପ୍ତ ହେବ (ରୋମି ୧୦ :୯), ଯାହାଙ୍କଠାରେ ପାପର ଲେଶ ମାତ୍ର ନ ଥିଲା, ତାହାଙ୍କୁ ସେ ଆମ୍ଭମାନଙ୍କ ନିମନ୍ତେ ପାପ ସ୍ୱରୂପ କଲେ, ଯେପରି ଆମ୍ଭେମାନେ ତାହାଙ୍କ ଦ୍ୱାରା ଈଶ୍ୱରଙ୍କର ଧାର୍ମିକତା ସ୍ୱରୂପେ ହେଉ (୨କରନ୍ଥି ୫: ୨୧) ।

ଅନେକ ବର୍ଷ ପୂର୍ବରୁ ଯୀଶୁଖ୍ରୀଷ୍ଟଙ୍କର କ୍ରୁଶୀୟ ମୃତ୍ୟୁ ସମ୍ବନ୍ଧରେ ଯିଶାଇୟ ଭାବବାଣୀ କରିଥିଲେ :ନିଶ୍ଚୟ ସେ ଆମ୍ଭମାନଙ୍କର ଯାତନାସବୁ ଧାରଣ କରିଅଛନ୍ତି ଓ ଆମ୍ଭମାନଙ୍କର ବ୍ୟଥାସବୁ ବୋହିଅଛନ୍ତି ତଥାପି ଆମ୍ଭେମାନେ ତାହାଙ୍କୁ ଆହତ ଓ ପରମେଶ୍ୱରଙ୍କ ଦ୍ୱାରା ପ୍ରହାରିତ ଓ ଦୁଃଖଗ୍ରସ୍ତ ବୋଲି ମଣିଲୁ । ମାତ୍ର ସେ ଆମ୍ଭମାନଙ୍କ ଅଧର୍ମ ନିମନ୍ତେ କ୍ଷତବିକ୍ଷତ ହେଲେ ଓ ଆମ୍ଭମାନଙ୍କର ଅପରାଧ ନିମନ୍ତେ ଚୂର୍ଣ୍ଣ ହେଲେ, ଆମ୍ଭମାନଙ୍କର ଶାନ୍ତିଜନକ ଶାସ୍ତି ତାହାଙ୍କ ଉପରେ ବର୍ତ୍ତିଲା ଓ ତାହାଙ୍କ ପ୍ରହାରରେ ଆମ୍ଭେମାନେ ସୁସ୍ଥ ହେଲୁ (ଯିଶାଇୟ ୫୩ :୪-୫), ଆମ୍ଭେମାନେ ଯେପରି ପାପ ପ୍ରତି ମୃତହୋଇ ଧାର୍ମିକତା ନିମନ୍ତେ ଜୀବନଯାପନ କରୁ, ଏଥିନିମନ୍ତେ ସେ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ । ତାହାଙ୍କ ପ୍ରହାରରେ ତୁମ୍ଭେମାନେ ସୁସ୍ଥ ହୋଇଅଛ (୧ପିତର ୨ :୨୪) । ତେବେ ଏପରି ମହାପରିତ୍ରାଣ ଅବହେଳା କଲେ ଆମ୍ଭେମାନେ କିପରି ରକ୍ଷା ପାଇବା (ଏବ୍ରି ୨:୩), ମୁଁ ତୁମ୍ଭକୁ କହୁଅଛି, ଦେଖ ଏବେ ମହା ଅନୁଗ୍ରହର ସମୟ, ଦେଖ, ଏବେ ପରିତ୍ରାଣର ଦିନ (୨କରନ୍ଥି ୬: ୨)।

ବର୍ତ୍ତମାନ ଆପଣ ଯୀଶୁ ଖ୍ରୀଷ୍ଟଙ୍କୁ ନିଜର ପ୍ରଭୁରୂପେ ଗ୍ରହଣ କରିବେ କି ? ସେ ଆପଣଙ୍କୁ ପ୍ରେମ କରନ୍ତି ।

ଆପଣ ଯୀଶୁଖ୍ରୀଷ୍ଟଙ୍କୁ ନିଜର ବ୍ୟକ୍ତିଗତ ଉଦ୍ଧାର କର୍ତ୍ତାରୂପେ ଗ୍ରହଣ କରିବେ କିପରି ?

ଆପଣ ଯେ ଜଣେ ପାପୀ ଅଟନ୍ତି, ଏହା ସ୍ୱୀକାର କରନ୍ତୁ ଏବଂ ମନପରିବର୍ତନ ଓ ଅନୁତାପ କରନ୍ତୁ । ଯୀଶୁଖ୍ରୀଷ୍ଟ ଆପଣଙ୍କର ପାପ ନିମନ୍ତେ କାଲବରୀ କ୍ରୁଶରେ ମୃତ୍ୟୁବରଣ କଲେ ଏବଂ ତୃତୀୟ ଦିବସରେ କବରରୁ ଉଠିଲେ, ଏହା ବିଶ୍ୱାସ କରନ୍ତୁ ଏବଂ ଆପଣାର ଭଗ୍ନ ହୃଦୟରୁ ନିମ୍ନ ପ୍ରାର୍ଥନା କରନ୍ତୁ । ମୋର ପ୍ରିୟ ପ୍ରଭୁଯୀଶୁ, ମୁଁ ସ୍ୱୀକାର କରୁଅଛି ଯେ, ମୁଁ ପାପୀ ଅଟେ, ଏବଂ ମୁଁ ମୋର ପାପ କ୍ଷମା କରିବାକୁ ପ୍ରାର୍ଥନା କରେ । ମୁଁ ବିଶ୍ୱାସ କରେ ତୁମ୍ଭେ ମୋର ପାପ ନିମନ୍ତେ ମୃତ୍ୟୁଭୋଗ କଲ ଓ ତୃତୀୟ ଦିବସରେ ମୃତ୍ୟୁରୁ ଉଠିଲ । ମୁଁ ମୋର ପାପରୁ ଫେରି ଆସୁଛି, ଏବଂ ମୋ ହୃଦୟକୁ ତଥା ଜୀବନକୁ ଆସିବାକୁ ତୁମ୍ଭକୁ ଆମନ୍ତ୍ରଣ କରୁଅଛି । ତୁମ୍ଭେ ମୋହର ପ୍ରଭୁ ଓ ଉଦ୍ଧାରକର୍ତା ରୂପେ ମୁଁ ତୁମ୍ଭଠାରେ ଭରସା କରେ ଏବଂ ତୁମ୍ଭର ଅନୁଗମନ କରିବାକୁ ଚାହେଁ । ମୁଁ ତୁମ୍ଭର ପବିତ୍ର ନାମରେ ପ୍ରାର୍ଥନା କରେ, ଆମେନ୍ ।

ଯଦି ଆପଣ ଏହି ପ୍ରାର୍ଥନା ସତ୍ୟ ଭାବରେ କଲେ, ତେବେ ଆପଣ ଉଦ୍ଧାର ପ୍ରାପ୍ତ ହେଲେ, ଆପଣ ନୂତନ ଜନ୍ମର ଅନୁଭୂତି ପ୍ରାପ୍ତ ହେଲେ । "ଯାଅ ଆଜିଠାରୁ ଆଉ ପାପ କର ନାହିଁ" (ଯୋହନ ୮:୧୧) । ତାହାଙ୍କଠାରେ ଲାଗି ରହନ୍ତୁ- ଯେକେହି ତାହାଙ୍କଠାରେ ରହେ, ସେ ପାପ କରେ ନାହିଁ, (୧ଯୋହନ ୩ :୬) ।

ବର୍ତମାନ ଆପଣ ପାପରୁ ମୁକ୍ତ । ମୃତ୍ୟୁର ଭୟରୁ ମୁକ୍ତ, ଆପଣଙ୍କ ନାମ ଜୀବନ ପୁସ୍ତକରେ ଲିଖିତ ଏବଂ ଆପଣ ସ୍ୱର୍ଗର ଉତରାଧିକାରୀ । ଏତିକିରେ ଆପଣଙ୍କର କାର୍ଯ୍ୟ ସମାପ୍ତ ହୋଇ ନାହିଁ । ବାଇବଲକୁ ବିଶ୍ୱାସ କରୁଥିବା ଏବଂ ତହିଁର ବାକ୍ୟ କାର୍ଯ୍ୟରେ ଲଗାଉଥିବା ମଣ୍ଡଳୀରେ ଯୋଗ ଦିଅନ୍ତୁ ଏବଂ ବାପ୍ତିଜିତ ହୁଅନ୍ତୁ । ପବିତ୍ର ବାଇବଲ କହେ- ଆପଣମାନେ ମନପରିବର୍ତନ କରନ୍ତୁ, ଆଉ ନିଜ ନିଜ ପାପ କ୍ଷମା ନିମନ୍ତେ ପ୍ରତ୍ୟେକ ଜଣ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ ହୁଅନ୍ତୁ । ତାହାହେଲେ ଆପଣମାନେ ପବିତ୍ର ଆତ୍ମାଙ୍କର ଦାନ ପ୍ରାପ୍ତ ହେବେ ( ପ୍ରେରିତ ୨: ୩୮)।

ଜଳ ବାପ୍ତିସ୍ମ : ଯୀଶୁ କହିଲେ ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ର ଆତ୍ମାଙ୍କ ନାମରେ ବାପ୍ତିସ୍ମ ଦିଅ (ମାଥିଉ ୨୮: ୧୯)

ଜଳ ବାପ୍ତିସ୍ମ ହେଉଛି ଏକ ବାଧ୍ୟତାର କାର୍ଯ୍ୟ, ଯାହା ଆମ୍ଭମାନଙ୍କ ପରିବର୍ତନ ଉତାରେ, ଆମ୍ଭମାନଙ୍କର ପାପ ଧୌତ କରିବାର ଚିହ୍ନ ସ୍ୱରୂପେ ଅଟେ । ଜଳ ବାପ୍ତିସ୍ମ ସି ନ ଅପେକ୍ଷା ଜଳରେ ବୁଡ଼ିକି ନେବାକୁ ଆହ୍ୱାନ କରେ । ଯେକେହି ଜଳ ବାପ୍ତିସ୍ମ ନିଏ, ସେ ଏ ସମ୍ବନ୍ଧରେ ହୃଦୟଙ୍ଗମ କରିବାକୁ ହେବ, ତେଣୁ ଶିଶୁ ବାପ୍ତିସ୍ମ ଶାସ୍ତ୍ର ସମ୍ମତ ନୁହେଁ । ଜଣେ ବାପ୍ତିଜିତ ହେବା ନିମନ୍ତେ, ମନପରିବର୍ତନ କରିଥିବା ଏବଂ ଉଦ୍ଧାର ପ୍ରାପ୍ତ ହୋଇଥିବା ଆବଶ୍ୟକ । ଜଳ ବାପ୍ତିସ୍ମ ପୁରାତନ ମନୁଷ୍ୟ ତଥା ତାଙ୍କ ମୃତକର୍ମକୁ ସମାଧି ଦେବାକୁ ଏବଂ ଜଳରୁ ବାହାରି ଆସିବା, ଖ୍ରୀଷ୍ଟଙ୍କଠାରେ ନୂତନ ଜୀବନ ଲାଭକୁ ସୂଚାଏ (ରୋମି ୬: ୧-୧୮) । ଯେଣୁ ତୁମ୍ଭେମାନେ ଯେତେଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ (ଗାଲାତି ୩ :୨୭) । ଆପଣ ଥରେ ଜଳରେ ବାପ୍ତିଜିତ ହେଲେ, ପବିତ୍ର ଆତ୍ମାଙ୍କ (ତ୍ରିତ୍ୱ ଈଶ୍ୱରଙ୍କର ତୃତୀୟ ବ୍ୟକ୍ତିତ୍ୱ) ବାପ୍ତିସ୍ମ ପ୍ରାପ୍ତ ହୁଅନ୍ତି ।

ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ : ଈଶ୍ୱରଙ୍କ ଦାନ । ଯୀଶୁ କହିଲେ-ଯୋହନ ଜଳରେ ବାପ୍ତିସ୍ମ ଦେଲେ ସତ କିନ୍ତୁ ତୁମ୍ଭେମାନେ ଅଳ୍ପଦିନ ମଧ୍ୟରେ ପବିତ୍ର ଆତ୍ମାରେ ବାପ୍ତିଜିତ ହେବ (ପ୍ରେରିତ ୧ :୫ ) । ପେଣ୍ଟିକଷ୍ଟ ଦିବସ ଉପସ୍ଥିତ ହୁଅନ୍ତେ ସମସ୍ତେ ଏକ ସ୍ଥାନରେ ସମବେତ ଥିଲେ । ଆଉ ପ୍ରବଳ ବେଗରେ ବହୁଥିବା ପ୍ରଚଣ୍ଡ ପବନର ଶବ୍ଦତୁଲ୍ୟ ଗୋଟିଏ ଶବ୍ଦ ଅକସ୍ମାତ୍ ଆକାଶରୁ ଆସି, ଯେଉଁ ଗୃହରେ ସେମାନେ ବସିଥିଲେ, ସେହି ଗୃହର ସର୍ବତ୍ର ବ୍ୟାପିଗଲା । ଆଉ ଅଗ୍ନି ସଦୃଶ୍ୟ ଜିହ୍ୱାଗୁଡ଼ିକ ସେମାନଙ୍କ ଦୃଷ୍ଟଗୋଚର ହୋଇ ଗୋଟି ଗୋଟି କରି ସେମାନଙ୍କ ପ୍ରତ୍ୟେକ ଜଣଙ୍କ ଉପରେ ଅଧିଷ୍ଠିତ ହେଲା । ସେଥିରେ ସମସ୍ତେ ପବିତ୍ର ଆତ୍ମାରେ ପରିପୂର୍ଣ୍ଣ ହେଲେ, ପୁଣି ଆତ୍ମା ସେମାନଙ୍କୁ ଯେପରି କହିବାକୁ ଶକ୍ତି ଦେଲେ ତଦନୁସାରେ ସେମାନେ ଅନ୍ୟାନ୍ୟ ଭାଷାରେ କଥା କହିବାକୁ ଲାଗିଲେ (ପ୍ରେରିତ ୨:୧-୪) । ଆପଣ ଥରେ ଶକ୍ତି ପ୍ରାପ୍ତ ହୁଅନ୍ତେ, ଆପଣ ପବିତ୍ର ଆତ୍ମାଙ୍କ ଫଳ ଫଳିବେ ଏବଂ ଦାନ ପ୍ରାପ୍ତ ହେବେ, ଆପଣ ପରଭାଷାରେ କଥା କହିବେ,ଆପଣ ଏ ଜଗତରେ ଶକ୍ତିଯୁକ୍ତ ଖ୍ରୀଷ୍ଟିୟାନ ଜୀବନଯାପନ କରିବେ, ଏବଂ ଖ୍ରୀଷ୍ଟଙ୍କର ସାକ୍ଷୀ ହେବେ । ପ୍ରତ୍ୟେକ ପ୍ରକୃତ ଖ୍ରୀଷ୍ଟିୟାନ ଜଣେ ଜଣେ ମିଶନାରୀ ଅଟନ୍ତି ।

ଯୀଶୁ ଶୀଘ୍ର ଆସୁଛନ୍ତି : କାରଣ ପ୍ରଭୁ ଆପେ ଆଦେଶ ଦେଇ ପ୍ରଧାନ ଦୂତଙ୍କ ସ୍ୱର ଓ ଈଶ୍ୱରଙ୍କ ତୂରୀବାଦ୍ୟ ସହିତ ସ୍ୱର୍ଗରୁ ଅବତରଣ କରିବେ, ସେଥିରେ ଯେଉଁମାନେ ଖ୍ରୀଷ୍ଟଙ୍କଠାରେ ଥାଇ ମରିଅଛନ୍ତି, ସେମାନେ ପ୍ରଥମରେ ଉଠିବେ । ପରେ ଆମ୍ଭେମାନେ ଯେତେଲୋକ ଜୀବିତ ରହି ଅବଶିଷ୍ଟ ଥିବୁ, ପ୍ରଭୁଙ୍କ ସହିତ ସାକ୍ଷାତ କରିବା ନିମନ୍ତେ ଆମ୍ଭେମାନେ ସେମାନଙ୍କ ସହ ମେଘମାଳାରେ ଶୂନ୍ୟ ମଣ୍ଡଳକୁ ନୀତ ହେବୁ । ଏହିପ୍ରକାରେ ଆମ୍ଭେମାନେ ସର୍ବଦା ପ୍ରଭୁଙ୍କ ସହିତ ରହିବୁ (୧ଥେସଲନିକି ୪: ୧୬-୧୭)। ତେଣୁ ଦୟାକରି ଏହି ସୁସମ୍ବାଦ ପ୍ରଚାର କରନ୍ତୁ ଏବଂ ଯେତେ ସମ୍ଭବ ଅଧିକ ଲୋକଙ୍କୁ ଉଦ୍ଧାର କରନ୍ତୁ ।

ଯୀଶୁଖ୍ରୀଷ୍ଟ - ପାପୀମାନଙ୍କୁ ଉଦ୍ଧାର କରନ୍ତି, ରୋଗୀମାନଙ୍କୁ ସୁସ୍ଥ କରନ୍ତି, ପବିତ୍ର ଆତ୍ମାଙ୍କୁ ଦାନ କରନ୍ତି, ରାଜା ରୂପରେ ଶୀଘ୍ର ଆସୁଛନ୍ତି, ତାହାଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ହୁଅନ୍ତୁ ।

ନିୟମିତ ଆପଣଙ୍କର ପବିତ୍ର ବାଇବଲ ପାଠ କରନ୍ତୁ, ପବିତ୍ର ଆତ୍ମାଙ୍କ ଶକ୍ତିରେ ପୁତ୍ର ପ୍ରଭୁଯୀଶୁ ଖ୍ରୀଷ୍ଟଙ୍କ ମାଧ୍ୟମରେ ପିତା ଈଶ୍ୱରଙ୍କଠାରେ ପ୍ରାର୍ଥନା କରନ୍ତୁ, ପବିତ୍ର ଖ୍ରୀଷ୍ଟିୟାନ ଜୀବନଯାପନ କରନ୍ତୁ, ପବିତ୍ର ଆତ୍ମାରେ ଚାଳିତ ମଣ୍ଡଳୀରେ ଯୋଗ ଦିଅନ୍ତୁ ଏବଂ ଏ ଜଗତରେ ଖ୍ରୀଷ୍ଟଙ୍କର ସାକ୍ଷୀ ହୁଅନ୍ତୁ ।

ଯଦି ଆପଣ ରୋଗଗ୍ରସ୍ତ, ଆର୍ଥିକ, ଚାକିରୀର ସଂକଟରେ ଅଛନ୍ତି, ଆମ୍ଭେମାନେ ଆପଣଙ୍କ ନିମନ୍ତେ ପ୍ରାର୍ଥନା କରୁ ।

ଯଦି ଏହି ସେବାକାର୍ଯ୍ୟ ସମ୍ବନ୍ଧରେ ଆପଣଙ୍କର କିଛି ପ୍ରଶ୍ନ ଥାଏ, ବାଇବଲର ପ୍ରକୃତ ସତ୍ୟ ସମ୍ବନ୍ଧରେ ଅଧିକ ବ୍ୟାଖ୍ୟା ଚାହୁଁଛନ୍ତି, କିମ୍ବା ଭାରତ ଏବଂ ଅନ୍ୟ ଦେଶର ଉଦ୍ଦିପନା ନିମନ୍ତେ ଏକତ୍ର ପ୍ରାର୍ଥନା କରିବାକୁ ଚାହୁଁଛନ୍ତି, ଦୟାକରି ଯୋଗାଯୋଗ କରନ୍ତୁ ।

SWMI, POST BAG NO.4, KUNNOM P.O., MAVELIKKARA, ALLEPPY DISTRICT, KERALA STATE,INDIA-690108

Email:reviveindia2012@gmail.com

www.shalomworldmission.org